# NATIONAL NEWS BULLETIN (ODIA)
## 7 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଗୁଜୁରାଟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା-ନଗରହାବେଲୀ ଏବଂ ଦାମନ ଓ ଡିଉ ଗସ୍ତ ଆଜିଠାରୁ ଆରମ୍ଭ ।
- ଭାରତର କୃତିତ୍ୱ ଓ ସଫଳତା ସମଗ୍ର ବିଶ୍ୱରେ ନୂତନ ଆଶାର ସଞ୍ଚାର କରିଛି-କହିଲେ ପ୍ରଧାନମନ୍ତ୍ରୀ ।
- ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବ ଆସନ୍ତାକାଲି ।
- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ଜନଔଷଧୀ ଦିବସ ।

ଏବଂ

- ରାଉରକେଲା ବିମାନ ବନ୍ଦରକୁ ଖୁବ୍‌ଶୀଘ୍ର ସମ୍ପ୍ରସାରଣ କରାଯିବା ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ।

# ପିଏମ୍‌-ଗୁଜୁରାଟ ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଗୁଜୁରାଟ ଏବଂ କେନ୍ଦ୍ରଶାସିତ ଦାଦ୍ରା ଓ ନଗରହାବେଲୀ ଏବଂ ଦାମନ ଓ ଡିଉ ଗସ୍ତ ଆଜିଠାରୁ ଆରମ୍ଭ ହେଉଛି । ଏହି ଗସ୍ତ ସମୟରେ ଶ୍ରୀ ମୋଦୀ ଗୁଜୁରାଟର ସୁରଟ ଓ ନବସରୀରେ ଏବଂ ଦାମନର ସିଲ୍‌ଭାସାଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆଜି ସକାଳେ ଦାଦ୍ରା ଓ ନଗରହାବେଲୀ ଏବଂ ଡାମନ ଓ ଡିଉଠାରେ ୨ହଜାର ୫୮୭କୋଟି ସମ୍ବଳିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସିଲଭାସାଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହାପରେ ପ୍ରଧାନମନ୍ତ୍ରୀ ସୁରଟ ଗସ୍ତ କରି ସୁରଟ ଖାଦ୍ୟ ସୁରକ୍ଷା ଯୋଜନା ଅଭିଯାନର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ପି.ଏମ୍.ଜି.କେ.ଏ.ୱାଇ ଅଧୀନରେ ୨ଲକ୍ଷରୁ ଅଧିକ ହିତାଧିକାରୀମାନେ ସୁରଟଠାରେ ଏହି ଯୋଜନାରେ ଉପକୃତ ହେବେ । ଆସନ୍ତାକାଲି ପାଳନ ହେବାକୁ ଥିବା ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଶ୍ରୀ ମୋଦୀ ନବସରୀଠାରେ ଲକ୍ଷପତି ଦିଦି ସମ୍ମିଳନୀରେ ମଧ୍ୟ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୨୫ହଜାରରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର

୨ଲକ୍ଷ ୫୦ହଜାରରୁ ଅଧିକ ମହିଳାଙ୍କୁ ୪୫୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତର ପ୍ରଥମ ଦିନରେ ସିଲଭସାଠାରେ ୪୫୦ ଶଯ୍ୟା ବିଶିଷ୍ଟ ନମୋ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ରର ଲୋକାର୍ପଣ କରିବେ । ସେଠାରେ ମଧ୍ୟ ଶ୍ରୀ ମୋଦୀ ୧ହଜାର ୭୫ କୋଟି ଟଙ୍କା ଅର୍ଥ ସମ୍ବଳିତ ୨୫ଟି ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରକଳ୍ପ ମଧ୍ୟରେ ଡିଉଫର୍ଟ ସର୍କିଟ ହାଉସ୍ ଏବଂ ଏଲ୍.ଏକ୍ସ ସର୍କିଟ୍ ହାଉସ୍, ଡାମନରେ ନାଇଟ୍ ମାର୍କେଟ୍, ଟୟ ଟ୍ରେନ୍ ଆଦିକୁ ଶୁଭାରମ୍ଭ କରିବେ । ସେହିପରି ଡାମନଠାରେ ପ୍ରଧାନମନ୍ତ୍ରୀ ୫୧୦କୋଟି ଟଙ୍କା ସମ୍ବଳିତ ୧୩ଟି ପ୍ରକଳ୍ପର ଶିଳାନ୍ୟାସ କରିବା ସହ ୩୦୦ ଶଯ୍ୟା ବିଶିଷ୍ଟ ମରୱାର ହସ୍ପିଟାଲର ମଧ୍ୟ ଲୋକାର୍ପଣ କରିବେ । ଏହି ଅବସରରେ ସେ ଡାମନଠାରେ ୧୨ଟି ନୂତନ ବିଦ୍ୟାଳୟ ଏବଂ ୮୪୮ବି ଜାତୀୟ ରାଜପଥର ସମ୍ପ୍ରସାରଣର ମଧ୍ୟ ଶୁଭାରମ୍ଭ କରିବେ ।

## ପିଏମ୍-ପ୍ରାଇଭେଟ୍ ଟିଭି ଇଭେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତର କୃତୀତ୍ୱ ଓ ସଫଳତା ସମଗ୍ର ବିଶ୍ୱରେ ନୂତନ ଆଶାର ସଞ୍ଚାର କରିଛି । ସାରା ବିଶ୍ୱ ଏବେ ଭାରତର ଯୁଗ ଆରମ୍ଭ ହୋଇଛି ବୋଲି କହୁଛି । ନୂଆଦିଲ୍ଲୀରେ ଏକ ବେସରକାରୀ ସମ୍ବାଦ ପ୍ରସାରଣ ସଂସ୍ଥାର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଏବେ ବିଶ୍ୱ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିଛି ।

**V/o (PM Growth)**

ମହାକାଶ କ୍ଷେତ୍ରର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ପୂର୍ବ ସରକାର ସମୟରେ ରହୁଥିବା ପ୍ରଶାସନିକ ପ୍ରତିବନ୍ଧକକୁ ଏବେ ନିରନ୍ତର ଭାବେ ହଟାଇବାରେ ସରକାର ସମର୍ଥ ହୋଇଛନ୍ତି । ଏବେ ମହାକାଶ କ୍ଷେତ୍ର ଯୁବ ଉଦ୍ୟୋଗୀ ମାନଙ୍କ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଦେଶରେ ୨୫୦ରୁ ଅଧିକ ମହାକାଶ ସମ୍ପର୍କିତ ଷ୍ଟାର୍ଟଅପ୍ ସୃଷ୍ଟି କରାଯାଇପାରିଛି । ପ୍ରଧାନମନ୍ତ୍ରୀ ଦେଶର ନିରାପତ୍ତା ଓ ସୁରକ୍ଷା ସରକାରଙ୍କ ପ୍ରାଥମିକତା ବୋଲି ଉଲ୍ଲେଖ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସିଧାସଳଖ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଯୋଜନାରେ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ୪୨ଲକ୍ଷ କୋଟି ଟଙ୍କା ଦିଆଯାଇଛି ।

ଏହାଦ୍ୱାରା ୨୫କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଆସିଛନ୍ତି ।

ଆଜିର ଭାରତ ବଡ ଚିନ୍ତା, ଆକାଂକ୍ଷୀ ଲକ୍ଷ୍ୟ ଓ ବଡ ସଫଳତା ହାସଲ କରିବାରେ ବିଶ୍ୱାସ ରଖେ । ଗତ ଦଶନ୍ଧିରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ତୃତୀୟ ବୃହତ୍ତମ ଅର୍ଥନୀତି ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛି । ଭାରତ ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ପଞ୍ଚମ ସ୍ଥାନରେ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/o (PM Solar)**

# ଆନ୍ତର୍ଜାତିକ-ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ବିଶ୍ୱବ୍ୟାପି ଆସନ୍ତାକାଲି ପାଳନ କରାଯିବ । ଏହି ଦିନ ସାଂସ୍କୃତିକ, ଆର୍ଥିକ, ଜାତିଗତ ଓ ଭାଷାଗତ ନିର୍ବିଶେଷରେ ବିଶ୍ୱବ୍ୟାପି ମହଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉଛି – "ସମସ୍ତ ମହିଳା ଓ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ" ।

ସୂଚନା ଯୋଗ୍ୟ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ମହିଳାମାନଙ୍କୁ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରାର ଅନୁଭୂତି ନମୋ ଆପ୍ ମାଧ୍ୟମରେ ଜଣାଇବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟସ୍ ମାଧ୍ୟମରେ ମହିଳାମାନେ ଆସନ୍ତାକାଲି ସେମାନଙ୍କର ବାର୍ତ୍ତା ଓ ଅନୁଭୂତି ବାଣ୍ଟି ପାରିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନ ମହିଳାମାନଙ୍କ ସଫଳତା ଓ ଅବଦାନକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାରେ ସହାୟକ ହେବ ।

## ପ୍ରେସିଡେଣ୍ଟ-ମହିଳା ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତାକାଲି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ହେବାକୁ ଥିବା ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । 'ନାରୀ ଶକ୍ତିରୁ ବିକଶତ ଭାରତ' ଶୀର୍ଷକ ଆଧାରିତ ଏହି ସମ୍ମିଳନୀକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆୟୋଜନ କରୁଛି । ସମ୍ମିଳନୀରେ ମୋ ଭାରତ ସ୍ୱଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ

ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସମେତ ସେନା ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍‌ର ଅଧିକାରୀମାନେ ଯୋଗଦେବେ । ସମ୍ମିଳନୀରେ ବିଶ୍ୱ ବ୍ୟାଙ୍କ୍, ୟୁନିସେଫ୍, ୟୁ.ଏନ୍.ଡି.ପି., ମହିଳା ଜାତିସଂଘ ଓ ୟୁ.ଏନ୍.ଏଫ୍.ପି.ଏ.ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ । ଆନ୍ତର୍ଜାତିକ ମହିଳା ଦିବସ ନାରୀମାନଙ୍କର ବହୁମୁଖୀ ପ୍ରତିଭା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିବାର ଏକ ଅବସର ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

## ପିଏମ୍-ଜନୌଷଧୀ

ଆଜି ଜନଔଷଧୀ ଦିବସ ସମଗ୍ର ଦେଶରେ ପାଳନ କରାଯାଉଛି । ଜନଔଷଧୀ ଯୋଜନାର ପ୍ରଚାର ପ୍ରସାର ଏବଂ ଏହାର ଜନସଚେତନତା କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଦେଶର ସମସ୍ତ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନାରେ ସୁଲଭ ମୂଲ୍ୟରେ ଗୁଣବତ୍ତା ବିଶିଷ୍ଟ ଜନଔଷଧୀ ଉପଲବ୍ଧ କରାଯାଉଛି । ଏହି ପଦକ୍ଷେପକୁ ସମର୍ଥନ ଦେବାପାଇଁ ରସାୟନ ଏବଂ ସାର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ୭ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ସୂଚନାଯୋଗ୍ୟ ଗତ ୨୦୦୮ ନଭେମ୍ବରରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ଅଧୀନରେ ଦେଶର ବିଭିନ୍ନ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ଗୁଡ଼ିକରେ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କୁ ଗୁଣବତ୍ତା ଔଷଧ ଯୋଗାଇ ଦେବା ଆରମ୍ଭ ହୋଇଥିଲା । ବଜାରରେ ଏହି ଯୋଜନା ଅଧୀନରେ ୫୦ରୁ ୮୦ ପ୍ରତିଶତ ରିହାତି ଦରରେ ଏହି ଔଷଧଗୁଡ଼ିକ ଉପଲବ୍ଧ ହେଉଛି । ଦେଶର ବିଭିନ୍ନ ଜିଲ୍ଲାରେ ୧୫ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ର ଗୁଡ଼ିକ ଖୋଲାଯାଇ ବିଭିନ୍ନ ଲୋକଙ୍କୁ ଆତ୍ମନିଯୁକ୍ତି ପ୍ରଦାନ କରିବା ସହ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି ।

## ଓଡ଼ିଶା-ରାଉରକେଲା ଏୟାରପୋର୍ଟ

ଓଡ଼ିଶାର ରାଉରକେଲା ବିମାନବନ୍ଦରକୁ ଫାଷ୍ଟଟ୍ରାକ୍ ଭିତ୍ତିରେ ସମ୍ପ୍ରସାରଣ କରାଯାଇ ଏହାକୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ଉଡାଣ କ୍ଷମତା ସ୍ତରକୁ ଅଣାଯାଉଛି । ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଭାରତୀୟ ବିମାନ ପ୍ରାଧିକରଣକୁ ଏକ ପ୍ରସ୍ତାବ

ଦିଆଯାଇଛି । ପ୍ରସ୍ତାବରେ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ସର୍ବେକ୍ଷଣ ସମେତ ଏକ ମାଷ୍ଟର ପ୍ଲାନ ରହିଛି । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଭୁବନେଶ୍ୱରରେ ଅନୁଷ୍ଠିତ ଏ ସଂକ୍ରାନ୍ତୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରିଥିଲେ । ପରେ ସେ ଆକାଶବାଣୀକୁ କହିଛନ୍ତି ରାଉରକେଲା ବିମାନ ବନ୍ଦରକୁ ଫୋର୍-ସି ଲାଇସେନ୍ସ ପ୍ରଦାନ କରାଯିବା ସହିତ ରାତିରେ ବିମାନ ଗୁଡ଼ିକର ସୁରକ୍ଷିତ ଅବତରଣର ବ୍ୟବସ୍ଥା କରାଯିବା ପାଇଁ ପଦକ୍ଷେପ ନିଆଯିବ । ଶ୍ରୀ ଓରାମ କହିଛନ୍ତି ବିମାନ ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଖୁବ୍‌ଶୀଘ୍ର ଭୂମି ଅଧିଗ୍ରହଣ କରାଯିବ । ଏହି ବିମାନବନ୍ଦର ସମ୍ପ୍ରସାରଣ ହେଲେ ରାଜ୍ୟରେ ବିଭିନ୍ନ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଗତକାଲି ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ’ ୟୁପି ଓ୍ୱାରିୟର୍ସକୁ ୬ ଓ୍ୱିକେଟ୍‌ରେ ହରାଇ ଦେଇଛି । ଏହି ପରାଜୟ ସହିତ ୟୁପି ଓ୍ୱାରିୟର୍ସର ପ୍ଲେଅଫ୍ ଖେଳିବା ସମ୍ଭାବନା ପ୍ରାୟ

ଶେଷ ହୋଇଛି । ଗତକାଲି ୟୁପି ଓ୍ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୫୦ ରନ୍ ସଂଗ୍ରହ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ୯ଟି ବଲ୍ ବାକିଥାଇ ବିଜୟ ହାସଲ କରିଥିଲା ।

ଆଜି ରାତି ୭ଟା ୩୦ ମିନିଟ୍‌ରେ ଗୁଜୁରାଟ ଜ୍ୟାଣ୍ଟ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଲକ୍ଷ୍ନୌରେ ମୁକାବିଲା ହେବ ।

## ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସି’ ହାଇଦ୍ରାବାଦ ଏଫ୍‌ସିକୁ ୩-୧ ଗୋଲ୍‌ରେ ହରାଇ ଦେଇଛି । ହାଇଦ୍ରାବାଦର ଗାଚିବାଉଲି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ଲୁକ୍କା ମଜସେନ ଓ ଆଲେକ ସାଜି ଓଜି ଗୋଲ୍ ସ୍କୋର କରିଥିଲେ ।

ଆଜି ରାତି ୭ଟା ୩୦ ମିନିଟ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ମୁକାବିଲା ହେବ ।